# Official Spokesperson's response to media queries on the announcement by the US of withdrawal of its troops from Afghanistan before September 11, 2021

April 16, 2021

## 11 ସେପ୍ଟେମ୍ବର 2021 ପୂର୍ବରୁ ଆଫଗାନିସ୍ତାନରୁ ନିଜର ସୈନ୍ୟ ପ୍ରତ୍ୟାହାର ପାଇଁ ଆମେରିକାର ଘୋଷଣାକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଏପ୍ରିଲ 16, 2021**

**11 ସେପ୍ଟେମ୍ବର 2021 ପୂର୍ବରୁ ଆଫଗାନିସ୍ତାନରୁ ନିଜର ସୈନ୍ୟ ପ୍ରତ୍ୟାହାର ପାଇଁ ଆମେରିକା କରିଥିବା ଘୋଷଣା ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର କହିଛନ୍ତିଯେ:**

"ଆଫଗାନିସ୍ତାନରୁ ନିଜର ସୈନ୍ୟ ପ୍ରତ୍ୟାହାର କରିବା ଏବଂ ସେଠାରେ ସାମରିକ ଅଭିଯାନକୁ ସମାପ୍ତ କରିବା ପାଇଁ ଆମେରିକାର ନିଷ୍ପତ୍ତି ବିଷୟରେ ଆମେ ଅବଗତ ଅଛୁ। ଜାରି ରହିଥିବା ଆନ୍ତଃ-ଆଫଗାନିସ୍ତାନ ଶାନ୍ତି ପ୍ରକ୍ରିୟାକୁ ଆମେ ଅତି ନିକଟରୁ ଅନୁଧ୍ୟାନ କରୁଛୁ। ଆଫଗାନିସ୍ତାନର ଲୋକମାନେ ଚାରି ଦଶନ୍ଧିରୁ ଅଧିକ ଯୁଦ୍ଧ ଏବଂ ଅଶାନ୍ତି ଦେଖିଛନ୍ତି ଏବଂ ସେମାନେ ଦୀର୍ଘସ୍ଥାୟୀ ଶାନ୍ତି ଏବଂ ବିକାଶର ହକଦାର।

ଭାରତ ମତ ରଖିଛିଯେ ଆଫଗାନିସ୍ତାନ ଶାନ୍ତି ପ୍ରକ୍ରିୟା ଆଫଗାନିସ୍ତାନର ନେତୃତ୍ୱାଧୀନ, ଆଫଗାନିସ୍ତାନର ନିଜସ୍ୱ ଏବଂ ଆଫଗାନିସ୍ତାନ ନିୟନ୍ତ୍ରିତ ହେବା ଉଚିତ। ଯେକୌଣସି ରାଜନୈତିକ ସମାଧାନ ସମ୍ମିଳିତ ହେବା ଉଚିତ ଏବଂ ଗତ 19 ବର୍ଷର ସାମାଜିକ-ଅର୍ଥନୈତିକ ଏବଂ ରାଜନୈତିକ ଲାଭକୁ ସଂରକ୍ଷିତ କରିବା ଉଚିତ। ଭାରତ ଏକ ସମ୍ମିଳିତ, ଗଣତାନ୍ତ୍ରିକ ତଥା ସାର୍ବଭୌମ ଆଫଗାନିସ୍ତାନକୁ ସମର୍ଥନ କରେ। ଆଫଗାନିସ୍ତାନରେ ହିଂସା ବୃଦ୍ଧି ଏବଂ ଉଦ୍ଦେଶ୍ୟମୂଳକ ହତ୍ୟାକୁ ନେଇ ଆମେ ଗଭୀର ଚିନ୍ତିତ। ତୁରନ୍ତ ଏବଂ ବ୍ୟାପକ ଅସ୍ତ୍ରବିରତି ପାଇଁ ଭାରତ ଆହ୍ୱାନ ଦେଇଛି।

ଦୋହା ସମ୍ମିଳନୀ, ଜେନେଭା ସମ୍ମିଳନୀ ଏବଂ ସମ୍ପ୍ରତି ଦୁଶାନବେରେ ହାର୍ଟ ଅଫ୍ ଏସିଆ ସମ୍ମିଳନୀରେ ଭାରତ ଅଂଶଗ୍ରହଣ କରିଛି। ଆଫଗାନିସ୍ତାନରେ ହିତାଧିକାରୀ ଏବଂ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଭାରତ ନିଜର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ସହଭାଗୀମାନଙ୍କ ସହିତ ମଧ୍ୟ ଜଡିତ ଅଛି।"

**ନୂଆଦିଲ୍ଲୀ**
**ଏପ୍ରିଲ 16, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.